| PUBLICATION NAME : | Mallahar |
| --- | --- |

# ଇଡିଆଇଆଇ ପକ୍ଷରୁ ଉଦ୍ୟୋଗ ଉପରେ ୧୬ତମ ଦ୍ୱିବାର୍ଷିକ ସମ୍ମିଳନୀ ଆୟୋଜନ

ଅହମଦାବାଦ : ଭାରତୀୟ ଉଦ୍ୟୋଗ ବିକାଶ ପ୍ରତିଷ୍ଠାନ, ଅହମଦାବାଦରେ ୧୬ତମ ଦ୍ୱିବାର୍ଷିକ ସମ୍ମିଳନୀ (ତିନି ଦିନିଆ) ୨୬ ଫେବୃଆରୀ ଠାରୁ ପ୍ରତିଷ୍ଠାନର କ୍ୟାମ୍ପସରେ ଅନୁଷ୍ଠିତ ହେଉଛି । ଉଦ୍ୟୋଗ ଉପରେ ତିନିଦିନିଆ ସମ୍ମିଳନୀ ଫେବୃଆରୀ ୨୮ରେ ସମାପ୍ତ ହେବ । ଏଥିରେ ବିଭିନ୍ନ ଗବେଷକ, ଶିକ୍ଷାବିତ ଓ ବୃତିଧାରୀମାନେ ଯୋଗ ଦେଇ ଉଦ୍ୟୋଗ ବିକାଶ ଉପରେ ଗବେଷଣା ଅଧ୍ୟୟନ ଓ ନିଷ୍କର୍ଷ ବାଂଟିବାରେ ଇଡିଆଇଆଇ ପ୍ଲାଟଫର୍ମରେ ୧୯୯୪ ଠାରୁ ଉଦ୍ୟୋଗୀଙ୍କ ଉପରେ ଆଲୋଚନା ଆୟୋଜନ କରିଆସୁଛି ।




ଏହି ସମ୍ମିଳନୀରେ ଉଦ୍ୟୋଗିତାର ଗୁରୁତ୍ୱ ଓ ଅଭ୍ୟାସ, ଶିକ୍ଷା, ଇକୋସିଷ୍ଟମ, ମନସ୍ତତ୍ୱ, ଏମଏସଏମଇ ଉଦ୍ୟୋଗିତା, ପ୍ରଯୁକ୍ତିବିଦ୍ୟା, ଡିଜିଟାଲ, ଷ୍ଟାର୍ଟଅପ ତଥା ନବସୃଜନ, ସବୁଜ ଓ ସ୍ଥାୟୀ ଉଦ୍ୟୋଗ, ପରିବାର ବ୍ୟବସାୟ ଉପରେ ୯ଟିରୁ ଅଧିକ ଦେଶର ବିଦ୍ୱାନଙ୍କ ଦ୍ୱାରା ୧୮୪ଟି ଗବେଷଣା ପତ୍ର ଓ ଅଧ୍ୟୟନ ଉପସ୍ଥାପନା କରାଯାଇଥିଲା ।

ମୁଖ୍ୟ ଅତିଥି ପ୍ର. ଡ. ଟିଭି ରାଓ, ପ୍ରତିଷ୍ଠାତା ଓ ଅଧ୍ୟକ୍ଷ, ଟିଭି ରାଓ ଲର୍ଣ୍ଣିଂ ସିଷ୍ଟମ ପ୍ରା. ଲି. ଓ ଭାରତୀୟ ପରିଚାଳନା ସଂସ୍ଥାନ, ଅହମଦାବାଦର ପୂର୍ବତନ ପ୍ରଫେସରଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା । ସେ କହିଥିଲେ ଯେ ଆଜିର ଦ୍ରୁତ ଗତିରେ ଅର୍ଥନିତୀରେ ପରିବର୍ତନ ସହ ଉଦ୍ୟୋଗ ବିକାଶରେ ଅର୍ଥନୈତିକ ଅଭିବୃଦ୍ଧି ଓ ବୃତିଗତ ଉନ୍ନତିକୁ ଆଗେଇନେବା ଗୁରୁତ୍ୱପୂର୍ଣ୍ଣ । ମୁଁ ଆଶା କରେ ଏହି ମିଶନ ଏକ ଶକ୍ତିଶାଳୀ ଭାବରେ ବିଶ୍ୱ ସମସ୍ୟାର ସମାଧାନ ଲାଗି ପ୍ରଯୁକ୍ତି ବିଦ୍ୟା ଓ ନବସୃଜନକୁ ପ୍ରୋତ୍ସାହିତ କରିବ । ଏହା ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ ଓ ଏହା ନୂତନ ଉଦ୍ରୋଗୀଙ୍କ ଉପରେ ପ୍ରଭାବ ପକାଇବ । ସମାବେଶକୁ ସମ୍ବୋଧିତ କରି ଇଡିଆଇଆଇର ମହା ନିର୍ଦ୍ଦେଶକ ଡ. ସୁନୀଲ ଶୁକ୍ଳା କହିଥିଲେ ଯେ ଦ୍ୱିବାର୍ଷିକ ସମ୍ମିଳନୀ କ୍ରମାଗତ ଭାବରେ ବିଶ୍ୱବ୍ୟାପୀ ଗବେଷକ ଓ ଶିକ୍ଷକମାନଙ୍କୁ ସେମାନଙ୍କ ଚିନ୍ତାଧାରା ଓ ନବସୃଜନ ବାଂଟିବା ପାଇଁ ଏକ ମଂଚ ପ୍ରସ୍ତୁତ କରିଛି ଯାହା ଉଦ୍ୟୋଗୀଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଏହାର ଅଂଶ ସ୍ୱରୂପ ଉଦ୍ୟୋଗିତା ଶିକ୍ଷାରେ ନବସୃଜନ ଉପରେ ଆଲୋଚନା କରିବା ଲାଗି ଏକ ଭାଇସ ଚାନସେଲର/ ଡାଇରେକ୍ଟରଙ୍କ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପ୍ର. ଡ. ହରିବଂଶ ଚର୍ତୁବେଦି, ନିର୍ଦ୍ଦେଶକ ଜେନେରାଲ, ଆଇଆଇଏଲଏମ ନୂଆଦିଲ୍ଲୀ ପ୍ୟାନେଲିଷ୍ଟମାନଙ୍କ ମଧ୍ୟରେ ଇଣ୍ଡିଆନ ଇନିଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଂଟ ରାଂଚିର ନିର୍ଦ୍ଦେଶକ ପ୍ର. ଦୀପକ କୁମାର ଶ୍ରୀବାସ୍ତବ, ଇଣ୍ଡିଆନ ଇନିଷ୍ଟିଚ୍ୟୁଟ ଅଫ ଟେକନୋଲୋଜି ଗାନ୍ଧୀନଗରର ପ୍ର. ରଜତମୁନା, ଭାଇସ ଚ୍ୟାନସେଲର ଗୁଜୁରାଟ ଟେକନୋଲୋଜିକାଲ ବିଶ୍ୱବିଦ୍ୟାଳୟ, ଅହମଦାବାଦ ଓ ବହୁ ମାନ୍ୟଗଣ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ ।